# ସ୍ନେହ ଶିବିର

## ଉପକ୍ରମ

- ସ୍ନେହ ଶିବିର ଏକ ସ୍ୱତନ୍ତ୍ର ଭାବରେ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ ଯାହା ପୋଷଣପାଉନଥିବା ଓ ଠିକ୍‌ରେ ବଢୁନଥିବା ପିଲାମାନଙ୍କର ଯତ୍ନ ପାଇଁ ଆୟୋଜିତ କରାଯାଏ (ଯେମିତିକି 5 ବର୍ଷ ତଳେଥିବା ମଧ୍ୟମ ସ୍ତରର ସୀମା ଓ ଅତି ମାତ୍ରାରେ କମ୍ ଓଜନର ଶିଶୁ) ।
- ଏହା 200 ଟି ଉଚ୍ଚ ମାତ୍ରାରେ ପ୍ରଭାବିତ ଜିଲ୍ଲାପାଇଁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ ସହ କାର୍ଯ୍ୟକାରୀ କରାଯାଉଛି ।
- ମୁଖ୍ୟ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ ରହିଛି
    - ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ;
    - ମା' ଓ ଯତ୍ନ ନେଉଥିବା ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ;
    - ସ୍ତନପାନ କରାଇବାର ନିରୀକ୍ଷଣ
- ଏହି ସମୀକ୍ଷା ଓ ପର୍ଯ୍ୟବେକ୍ଷଣ ନିର୍ଦ୍ଦିଷ୍ଟସମୟ ଆଧାରିତ, ପରିଣାମ ସୁନିଶ୍ଚିତ ଏବଂ ମାପ କରାଯାଇପାରିବା ପରି ମୂଲ୍ୟାଙ୍କନ ପ୍ରାପ୍ତି ଆଧାରିତ ।
- ଏହି କାର୍ଯ୍ୟକ୍ରମକୁ 20% ରୁ ଅଧିକ ମାତ୍ରାରେ କୁପୋଷିତ ଶିଶୁ ଥିବା ବ୍ଲକ/ବିଭାଗ ବା ସେକ୍‌ଟର/ବସ୍ତି ଇତ୍ୟାଦିରେ ଅଧିକ ଗୁରୁତ୍ୱ ଓ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯାଏ ।
- ଏହି କାର୍ଯ୍ୟକ୍ରମକୁ 3 ରୁ 4ଟି ଅଙ୍ଗନବାଡି କେନ୍ଦ୍ର ଥିବା ଗୋଟିଏ ଅଞ୍ଚଳରେ ଏକାଥରରେ କାର୍ଯ୍ୟକାରୀ କରାଯିବା ଉଚିତ୍, ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ନୁହେଁ ।
- ଏହି ଶିବିର ଆୟୋଜନ କରିବା ପାଇଁ ଓ ପରିଚାଳନା ପାଇଁ 200 ଏଚ.ବି.ଡି. ଗୁଡିକୁ 200 ଜଣ ଅତିରିକ୍ତ ଅଙ୍ଗନବାଡି କର୍ମୀଙ୍କୁ ପଠାଯିବ ।




## ସ୍ନେହ ଶିବିର ପାଇଁ ଆବଶ୍ୟକ ଦରକାରୀ ଜିନିଷପତ୍ର

- ଓଜନ କରିବା ମେସିନ୍ - ଉଭୟ ନବଜାତ ଓ ଅନ୍ୟ ପିଲାଙ୍କ ପାଇଁ ।
- ଗୋଷ୍ଠୀକୁ ଉତ୍ସାହିତ କରିବା ଉପକରଣ - ଅଭିବୃଦ୍ଧି ସାରଣୀ, ଜନନୀ ଓ ସନ୍ତାନ ସୁରକ୍ଷା କାର୍ଡ ଇତ୍ୟାଦି ।
- ଚାର୍ଟ ପେପର, ମାର୍କର, ଗ୍ରୋଥଚାର୍ଟ ଇତ୍ୟାଦି ଆବଶ୍ୟକତା ଅନୁଯାୟୀ ।
- ଓଜନ ବୃଦ୍ଧି, ରେଫରାଲ ଓ ଉପସ୍ଥିତି ଇତ୍ୟାଦି ତଦାରଖ କରିବା ପାଇଁ ଏନ୍.ସି.ସି.ଏସ୍. ରେଜିଷ୍ଟର ।
- ରୋଷେଇ ବାସନ, ଖୁଆଇବା ଗିନା, ଚାମଚ ଇତ୍ୟାଦି (ଏସବୁ ଯଦି ଉପଲବ୍ଧ ନାହିଁ, ତେବେ ଏଗୁଡିକୁ ଯତ୍ନ ନେଉଥିବା ଲୋକଙ୍କ ଘରୁ ଅଣାଯାଇପାରେ) ।
- ପାଣି ରଖିବାରୁ ସୁବିଧା ଏବଂ ପରିଷ୍କାର ଓ ସୁରକ୍ଷିତ ପାଣିର ବ୍ୟବସ୍ଥା ।
- ନେଲ କଟର ।
- ସାବୁନ ଓ ଟାୱେଲ ।
- ମେଡିସିନ୍ କିଟ୍ ।
- ଡିସପ୍ଲେ ବୋର୍ଡ, ସ୍କୋର ବୋର୍ଡ, ଅନ୍ୟ ଆଇ.ଇ.ସି. ସାମଗ୍ରୀ ।

## ପୁଷ୍ଟିକର ଖାଦ୍ୟ ସମ୍ବନ୍ଧୀୟ ପରାମର୍ଶ ଓ ଶିଶୁ ଯତ୍ନ ଅଧିବେଶନ (ଏନ୍.ସି.ସି.ଏସ୍.)

- ଏହି ଏନ୍.ସି.ସି.ଏସ୍. ହେଉଛି ଏକ 12 ଦିନିଆ ରହଣୀ ବିଶିଷ୍ଟ କାର୍ଯ୍ୟକ୍ରମ।
- ଏହି କାର୍ଯ୍ୟକ୍ରମକୁ ପୁଷ୍ଟିକର ଖାଦ୍ୟ ପାଉନଥିବା ପିଲାମାନଙ୍କର ମା' ମାନଙ୍କ ସହ ହିଁ ଆୟୋଜିତ କରାଯାଇଥାଏ, ମା' ମାନଙ୍କୁ ଆଗରୁ ବଛାଯାଏ ।
- ଏନ୍.ସି.ସି.ଏସ୍. ଅଧିନରେ ଆୟୋଜିତ କାର୍ଯ୍ୟକଳାପ ଓ ସେବା ଗୁଡିକ ଏହିପରି ହେବ:



  - ଓଜନ ମାପ (ଆସିବା ବେଳରେ ଓଜନ ଓ ଯିବା ବେଳର ଓଜନ)
  - କୃମି ବିନାଶ କରିବା ଓ ଆଇରନ୍ ଫୋଲିକ ଏସିଡ୍ ଅନୁପୂରକ ପ୍ରଦାନ କରିବା
  - ଗରମାଗରମ ରୋଷେଇ କରାଯାଇଥିବା ଖାଦ୍ୟର ଏକ ଅତିରିକ୍ତ ପରସା ସେହିସ୍ଥାନରେ ଦିଆଯିବା (**300-400 କିଲୋ କ୍ୟାଲୋରୀ ଏବଂ 18 ଗ୍ରାମ ପ୍ରୋଟିନ୍**)
  - ସଠିକ୍ ସ୍ତନପାନ କରାଇବା, ପରିଷ୍କାର ପରିଛନ୍ନତା ଅଭ୍ୟାସ, ସ୍ୱାସ୍ଥ୍ୟ ଓ ମାନସିକ ଭାବେ ଖୁସି ରହିବା ଅଭ୍ୟାସ, ସକାରାତ୍ମକ ଭାବେ ମାତୃତ୍ୱ ହାସଲ କରିଥିବା ମା'ର ସକାରାତ୍ମକ ବର୍ଣ୍ଣନା ଆଦି ଶୁଣିବା ଓ ପ୍ରତ୍ୟକ୍ଷ ଭାବରେ କରାଇବା ଦ୍ୱାରା ଶିଖେଇବା
  - ଯତ୍ନ ନେବାର ଅଭ୍ୟାସ ଉପରେ ପରାମର୍ଶ ପ୍ରଦାନ କରିବା
  - ପର୍ଯ୍ୟାପ୍ତ ମାତ୍ରାର ଓଜନ ବୃଦ୍ଧିର ଆକଳନ ଏବଂ ଘଟଣାଗୁଡିକର ପରିଚାଳନା
  - ଡାକ୍ତରୀ ସହାୟତା ଓ ରେଫରାଲ
    - ରୁଟିନ୍ ରେ ଚାଲୁଥିବା ସେବା - ଟିକାକରଣ, ଭିଟାମିନ୍ ଏ ଓ ଆଇରନ୍ ଫୋଲିକ ଏସିଡ୍ ଅନୁପୂରକ
    - ଏ.ଏନ୍.ଏମ୍./ମେଡିକାଲ ଅଫିସର ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ଓ କୌଣସି ଉପଯୁକ୍ତ ଉପଚାର
    - ଏ.ଏନ୍.ଏମ୍./ମାନ୍ୟତା ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା/ମେଡିକାଲ ଅଫିସର ଦ୍ୱାରା ଜଟିଳ ଘଟଣା ପାଇଁ ରେଫରାଲ ସେବା
  - 18 ଦିନିଆ ଘରୋଇ ଯତ୍ନ ପାଇଁ ଫଲୋ ଅପ୍ କାର୍ଯ୍ୟକ୍ରମ
  - **6-9ରୁ ଅଧିବେଶନ (ମାସ) ପରେ**, ଗୋଟିଏ ଗାଁରେ ଗୋଟିଏ ବର୍ଷ ପର୍ଯ୍ୟନ୍ତ ପ୍ରତି 3 ମାସରେ ଏନ୍.ସି.ସି.ଏସ୍. ଆୟୋଜନ କରାଯାଇପାରେ ଫଳରେ ସୁନିଶ୍ଚିତ କରାଯାଇପାରିବ ଯେ ଗାଁରେ କେହିପିଲା ଏସ୍.ୟୁ.ଡବ୍ଲ୍ୟୁ. ଅଛି ଓ କେହି ନୂଆ କରି ହୋଇଛି ।

### ଅଙ୍ଗନବାଡି କର୍ମୀଙ୍କ ଭୂମିକା

- ଅତ୍ୟନ୍ତ ସାଂଘାତିକ ଭାବରେ କୁପୋଷଣର ଶିକାର ହୋଇଥିବା ଓଜନ କମ୍ ଥିବା ଏବଂ ସୀମାରେଖାରେ ଥିବା ପିଲାମାନଙ୍କୁ ଚିହ୍ନଟ କରନ୍ତୁ ।
- ସି.ଡି.ପି.ଓ.କୁ ସୁଚିତ କରନ୍ତୁ ଏବଂ କମ୍ ଓଜନ ଥିବା ଏହି ପିଲାଙ୍କର ଚିଠା ତାଙ୍କୁ ପଠାନ୍ତୁ ।
- ପିଲାମାନଙ୍କର ଓଜନ ନେବାରେ ସି.ଡି.ପି.ଓ.ଙ୍କୁ ସାହାଯ୍ୟ କରନ୍ତୁ ।
- ପୁଷ୍ଟିକର ଆହାର ପରାମର୍ଶ ଏବଂ ଶିଶୁ ଯତ୍ନ ଅଧିବେଶନ (ବା ସ୍ନେହ ଶିବିର କ୍ୟାମ୍ପ) ଗୁଡିକର ଆୟୋଜନ କରନ୍ତୁ ।
- ଯତ୍ନ ନେଉଥିବା ଲୋକଙ୍କୁ ପିଲାମାନଙ୍କ ସହ ସ୍ୱାଗତ କରନ୍ତୁ ଏବଂ ଉପସ୍ଥାନ ନିଅନ୍ତୁ ।
- ଏକଥା ସୁନିଶ୍ଚିତ କରାନ୍ତୁ ଯେ, ଯତ୍ନ ନେଉଥିବା ଲୋକମାନେ, ପିଲାମାନେ ଖାଦ୍ୟ ଖାଇବା ପୂର୍ବରୁ ଓ ପରେ ହାତ ଧୋଇବାକୁ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି ।
- ପିଲାମାନଙ୍କୁ ଖୁଆଇବାରେ ମା' ବା ଯତ୍ନନେଉଥିବା ଲୋକଙ୍କୁ ସାହାଯ୍ୟ କରନ୍ତୁ ।
- ଅତ୍ୟଧିକ ଭାବରେ ଓଜନ କମ୍ ପୁଣି ଡାକ୍ତରୀ ସମସ୍ୟାସହ ଥିବା ପିଲା ମାନଙ୍କୁ ଏ.ଏନ୍.ଏମ୍./ଡାକ୍ତରଙ୍କ ପାଖକୁ ରେଫର୍ କରିଦିଅନ୍ତୁ ।
- ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଅଧିବେଶନ ପାଇଁ ଦିନର ବିଷୟବସ୍ତୁ ଉପରେ ଆଲୋଚନା କରନ୍ତୁ ।
- ସୁସ୍ଥ ସବଳ ପିଲାମାନଙ୍କର ମା'ଙ୍କୁ ଚିହ୍ନଟ କରନ୍ତୁ, ଅଧିବେଶନକୁ ଡକାଇ, ତାଙ୍କର ଅଭିଜ୍ଞତା ବିଷୟରେ କହିବାକୁ କୁହନ୍ତୁ ।
- କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ମା' ମାନଙ୍କୁ ପରେ ପଚାରାଉଚୁରା କରନ୍ତୁ, ତାଙ୍କ ଉପରେ ପ୍ରଭାବ ଇତ୍ୟାଦି ଦେଖିବାକୁ ଗୃହ ପରିଦର୍ଶନ କରନ୍ତୁ ।
- ଶିବିରର ରିପୋର୍ଟ ପ୍ରସ୍ତୁତ କରନ୍ତୁ ।